OFFICE OF THE COLLECTOR & DISTRICT MAGISTRATE, DHENKANAL

(I & P.R SECTION)

No. ୫୦୮ / Dt. ୨୯/୦୫/୨୦୨୫

e-mail Id-dkl.dipro@gmail.com
Tel. No. - (06762) 224414

## ମ୍ୟାଲେରିଆ ନିରାକରଣ ଟାସ୍କ ଫୋର୍ସ ବୈଠକ

ଢେଙ୍କାନାଳ, ତା ୨୯/୦୫/୨୦୨୫ ରିଖ: - ମ୍ୟାଲେରିଆ ଓ ଅନ୍ୟାନ୍ୟ ଜୀବାଣୁଜନିତ ରୋଗ ନିରାକରଣ ସମ୍ପର୍କେ ଏକ ଟାସ୍କ ଫୋର୍ସ ବୈଠକ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଅବନୀକାନ୍ତ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଜିଲ୍ଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି ।

ପ୍ରାରମ୍ଭରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡ. ବାସୁଦେବ ବେହେରା ମିଶନ ଇନ୍ଦ୍ରଧନୁଷ ସମ୍ପର୍କରେ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ । ଢେଙ୍କାନାଳ ଜିଲ୍ଲାରେ ଟିକାକରଣ କାର୍ଯ୍ୟକ୍ରମରୁ ବଞ୍ଚିତ ହୋଇଥିବା ସମସ୍ତ ଶିଶୁ ଓ ଗର୍ଭବତୀ ମହିଳାମାନଙ୍କ ମିଶନ ଇନ୍ଦ୍ରଧନୁଷ କାର୍ଯ୍ୟକ୍ରମରେ ଟିକାକରଣ କରାଯିବ । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଅଧିକାରୀ ଡ. ସୁବ୍ରତ କର ଆସନ୍ତା ତିନିମାସ ଧରି ହେବାକୁ ଥିବା ମିଶନ ଇନ୍ଦ୍ରଧନୁଷ ସମ୍ପର୍କରେ ଆଲୋକପାତ କରିଥିଲେ । ନୀତି ଆୟୋଗଦ୍ୱାରା ଘୋଷିତ ଆକାଂକ୍ଷୀ ଜିଲ୍ଲା ଢେଙ୍କାନାଳର ୩୮୬ ଗ୍ରାମରେ ଅଙ୍ଗନବାଡି ଓ ଆଶାକର୍ମୀମାନଙ୍କଦ୍ୱାରା ଆସନ୍ତା ଜୁନ ୧୬ରୁ ଏହି କାର୍ଯ୍ୟକ୍ରମ ଆରମ୍ଭ ହେବ । ଆଇ.ସି.ଡି.ଏସ. ଓ ପଞ୍ଚାୟତିରାଜ ସଦସ୍ୟମାନଙ୍କ ଦ୍ୱାରା ମିଶନ ଇନ୍ଦ୍ରଧନୁଷର ପ୍ରଚାର ଓ ସଚେତନତା ସୃଷ୍ଟି କରାଯିବ । ବ୍ଲକସ୍ତରରେ ବିଡିଓଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମ କରାଯିବ ଏବଂ ପ୍ରତିଦିନର ସୂଚନା ଭାରତ ସରକାରଙ୍କ ୱେବସାଇଟରେ ଲୋଡ କରାଯିବ, ଯାହାକୁ ଭାରତର ପ୍ରଧାନମନ୍ତ୍ରୀ ସମୀକ୍ଷା କରିବେ । ଭାରତ ସରକାରଙ୍କ ଯୁଗ୍ମ ସଚିବ ସ୍ତରର ଜଣେ ଅଧିକାରୀ ଢେଙ୍କାନାଳ ଜିଲ୍ଲାକୁ ଆସି କାର୍ଯ୍ୟକ୍ରମର ସମୀକ୍ଷା କରିବେ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡ. ବେହେରା ବର୍ତ୍ତମାନ ଢେଙ୍କାନାଳ ମୁଖ୍ୟ ଚିକିତ୍ସାଳୟରେ ମ୍ୟାଲେରିଆ, ଏଲିସା ଓ ଡେଙ୍ଗୁ ପରୀକ୍ଷା କରାଯାଉଥିବା ସୂଚନା ଦେଇଥିଲେ, କାମାକ୍ଷାନଗର ବ୍ଲକ ସବୁଠାରୁ ଅଧିକ ମ୍ୟାଲେରିଆ ପ୍ରବଣ ଅଞ୍ଚଳ ହୋଇଥିବାରୁ ସେଠାରେ ଜିଲ୍ଲାକୁ ଆସିଥିବା ୨୦୫୦ ଔଷଧୀୟ ମଶାରୀ ବଣ୍ଟାଯିବ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ପଟ୍ଟନାୟକ ସମସ୍ତ ଶିଶୁ ଯତ୍ନ କେନ୍ଦ୍ରକୁ ମଶାରୀ ବଣ୍ଟନ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଜିଲ୍ଲାର ଅପୁଷ୍ଟିଜନିତ ରୋଗୀମାନଙ୍କ

ଏକ ହଜାର ଟଙ୍କା ଦିଆଯାଉଥିବା ଡ. ବେହେରା ବୈଠକରେ ପ୍ରକାଶ କରିଥିଲେ । ଦୁର୍ଗମ ଅଞ୍ଚଳରେ ମ୍ୟାଲେରିଆ ନିରାକରଣ କାର୍ଯ୍ୟକ୍ରମ ଏହି ଜିଲ୍ଲାରେ ଗୃହୀତ ହବା ସହିତ ଅନ୍ୟାନ୍ୟ ଜିଲ୍ଲାରେ ଚାଲୁଥିବା ବୈଠକରୁ ଜଣାପଡ଼ିଥିଲା । ସମସ୍ତ ଆଦିବାସୀ ଆବାସିକ ବିଦ୍ୟାଳୟରେ ଆର୍.ଆର୍.ଏସ୍. ପ୍ରଥମ କରିବାକୁ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି । ଢେଙ୍କାନାଳ ଜିଲ୍ଲାରେ ୨୦୧୬-୧୭ ଆର୍ଥିକ ବର୍ଷରେ ପ୍ରାୟ ୧୪୦୦ ମ୍ୟାଲେରିଆ ସଂକ୍ରମଣ ଜନିତ ରୋଗୀ ଚିହ୍ନଟ କରାଯାଇଥିଲା । ଆଶାକର୍ମୀମାନଙ୍କୁ ମ୍ୟାଲେରିଆ କିଟ୍ ପର୍ଯ୍ୟାପ୍ତ ଭାବେ ଯୋଗାଇଥିବା ବୈଠକରେ ଆଲୋଚନା ହୋଇଥିଲା । ସମସ୍ତଙ୍କ ସହଯୋଗରେ ଡେଙ୍ଗୁଜନିତ ରୋଗର ନିରାକରଣ ଜିଲ୍ଲାରେ କରାଯିବା ପାଇଁ ଡ. ବେହେରା ଆଶା ପ୍ରକାଶ କରିଥିଲେ । ଜିଲ୍ଲାରେ ଥିବା ସମସ୍ତ ଶିଳ୍ପ ସଂସ୍ଥାଗୁଡ଼ିକୁ ଡାକି ଜୀବାଣୁଜନିତ ରୋଗର ନିରାକରଣ ଓ ସଚେତନତା ଜାରି କରିବାକୁ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ପଣ୍ଡା ନାୟକ ପରାମର୍ଶ ଦେଇଥିଲେ । ପୌର ସ୍ୱାସ୍ଥ୍ୟ ଅଧିକାରୀ-ଙ୍କ ସହ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ମ୍ୟାଲେରିଆ ରୋଗର ପ୍ରତିକାର ନିମନ୍ତେ କରିବାକୁ ଗଣମାଧ୍ୟମ ପ୍ରତିନିଧିମାନେ ନିବେଦନ କରିଥିଲେ । ପର୍ଯ୍ୟାପ୍ତ ପରିମାଣ ସୂଚନା ସଂପର୍କ ଓ ଜ୍ଞାନ ସଂପର୍କୀୟ ପ୍ରଚାରପତ୍ର ବଣ୍ଟନ କରିବାକୁ ଜିଲ୍ଲା ସ୍ୱାସ୍ଥ୍ୟ ପ୍ରଶାସନକୁ ନିର୍ଦ୍ଦେଶ ଦିଆଯାଇଛି । ଜିଲ୍ଲାରେ ଥିବା ୧୧ଜଣ ଆଶାକର୍ମୀଙ୍କୁ ଏହି ଭଳି ରୋଗ ନିରାକରଣରେ ପ୍ରମୁଖ ଭୂମିକା ଗ୍ରହଣ କରିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି ।

ଶେଷରେ ଏଡିଏମ ଓ ମ୍ୟାଲେରିଆ ଅଧିକାରୀ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ବୈଠକରେ ଉପଜିଲ୍ଲାପାଳ ଶ୍ରୀ ପୀତାମ୍ବର ସାମଲ, ସମସ୍ତ ତହସିଲଦାର, ସ୍ୱାସ୍ଥ୍ୟ ପ୍ରଶାସନର ସଂପୃକ୍ତ ଡାକ୍ତର ଓ ଅଧିକାରୀ ଓ କର୍ମଚାରୀ, ଗଣମାଧ୍ୟମର ପ୍ରତିନିଧିଗଣ ଯୋଗଦେଇ ଆଲୋଚନାରେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ ।

ହେମନ୍ତ କୁମାର ନାୟକ
୧୨/୦୬/୨୦୧୮
ଜିଲ୍ଲା ସୂଚନା ଓ ଲୋକ
ସମ୍ପର୍କ ଅଧିକାରୀ
ଢେଙ୍କାନାଳ